## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ବଲାଙ୍ଗିର,୨୩।୨(ସମିସ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ବୈଠକ ଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଗୌରଵ ଶିୱାଜୀ ଇସଲୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତ୍ତି ସମ୍ପର୍କିତ ୪୧ଟି ପଞ୍ଜୀକୃତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସାମୂହିକ ଭାବେ ୩ଟି ଓ ୩୮ ଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିରୁ ୦୫ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାଖଲ ହୋଇଥିବା ପତ୍ରଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟ ନିର୍ବାହୀ ଅଧିକାରୀ, ତରଣୀ ସୁନା, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀ, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ତହସିଲଦାର ଜଗଦୀଶ କର୍ତାମୀ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

## ସମଲେଶ୍ୱରୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ମୁରିବାହାଲ,୨୩।୨(ସମିସ):ମୁରିବାହାଲ ବ୍ଲକ୍ ବାଙ୍କେଲ ଗ୍ରାମସଦର ମହକୁମାରେ ସମଲେଶ୍ୱରୀ ଶିଶୁ ମନ୍ଦିର ର ୨୦୨୫-୨୬ ଶିକ୍ଷା ବର୍ଷ ର ୧୩ତମ ବାର୍ଷିକ ଉତ୍ସବ ଶିଶୁ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟଅତିଥି ରୂପେ ୨୯ ନମ୍ବର ଜିଲ୍ଲାପରିଷଦ ତଥା ବରିଷ୍ଠ ଆଇନଜୀବୀ ଗୋପୀନାଥ ପାଣିଗ୍ରାହୀ , ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ଓଡ଼ିଆ ଅଧ୍ୟାପକ ସରକାରୀ ମାଧ୍ୟମିକ ବିଦ୍ୟାଳୟ ବିନେକେଲା ପୁଲସ୍ତି ବେହେରା , ସମ୍ମାନିତ ଅତିଥି ରୂପେ ବିକାଶ ସେନା ସଭାପତି ଟିଟିଲାଗଡ଼ ଅମ୍ଲାନ ଶଢଙ୍ଗୀ, ସିଆର୍‌ସିସି ବିଟାବନ୍ଧ କ୍ଲଷ୍ଟର ଲକ୍ଷପତି ହରିପାଲ, ଜିଲ୍ଲା ସଂଯୋଜକ,ସମଲେଶ୍ୱରୀ ସେବା ସଂସ୍ଥାନ କୃପାସିନ୍ଧୁ ପୁଟେଲ,ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପୁଟେଲ,ପରିଚାଳନା କମିଟି ସଂପାଦକ ତଥା ପୂର୍ବତନ ସରପଞ୍ଚ ଅଗସ୍ତି ବାଗ , ପରିଚାଳନା କମିଟି କୋଷାଧ୍ୟକ୍ଷ ଦେବାନନ୍ଦ ପାଣ୍ଡେ , ସମଲେଶ୍ୱରୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଲେଖ ସାହୁ ,ସମାଜସେବୀ ପାର୍ଥରାମ ଭୋଇ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମେ ସ୍ୱାଗତ ସମ୍ବର୍ଦ୍ଧନା ପରେ ଦୀପ ପ୍ରଜ୍ୱଳନ କରି ଶିଶୁ ମନ୍ଦିରର ଗୁରୁଜୀ ତରଙ୍ଗ ରଣା ପରିଚାଳନାରେ ସଭା କାର୍ଯ୍ୟଅନୁଷ୍ଠିତ ହୋଇଥିଲା। ଅତିଥି ବୃନ୍ଦ ଶିଶୁ ମନ୍ଦିରର ଉନ୍ନତି ପାଇଁ ବକ୍ତବ୍ୟ ରଖିଥିଲେ। ଏହିଅବସରରେ ଶିଶୁ ମନ୍ଦିର ପାଇଁ ଜମି ପ୍ରଦାନ କରିଥିବା ଦୁଇ ଜଣ ବ୍ୟକ୍ତି ଇଶ୍ୱର ସେଲମା ଓ ନିରାକାର ପାଣ୍ଡେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶିଶୁ ମନ୍ଦିର ୨୦୨୫-୨୬ ଶିକ୍ଷା ବର୍ଷର ଶ୍ରେଷ୍ଠ ଛାତ୍ର ରୂପେ ଅଷ୍ଟମ ଶ୍ରେଣୀର ଛାତ୍ର ନବନୀତ ପୁଟେଲ ଙ୍କୁ ଓ ବିଭିନ୍ନ ପ୍ରକାରର କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରରେ ଶିଶୁ ମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ନିରଞ୍ଜନ ପାଣ୍ଡେ, ଦିପକ ପୁଟେଲ, ଲିଙ୍ଗରାଜ ଘିଭେଲା, ଅନାଦି ଚରଣ ଲୁହା, ଗୌତମ ଗହିର,ସୁମିତା ପୁଟେଲ, ମମିତା ମାଝୀ, ସୁଜାତା ବାଗ, ଦିପ୍ତିମୟୀ ପଟେଲ, ରିଙ୍କି ଆଡଯୁଆଡ ସନ୍ଧ୍ୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଘୁନସର ବୈଷ୍ଣୋଦେବୀ ପୀଠରେ ୨୪ ପ୍ରହର



ସଇଁତଲା,୨୩।୨(ସମିସ):ସଇଁତଲା ବ୍ଲକ୍ ଘୁନସର ମହାଲିଙ୍ଗପଡାରେବୈ ଷ୍ଣୋଦେବୀ ପୀଠରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ହୀରା ମହାଲିଙ୍ଗଙ୍କ ତତ୍ତ୍ୱାବଧାନରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୂଜକ ସୋମନାଥ ତ୍ରିପାଠୀ ପୂଜା ଅର୍ଚ୍ଚନା କରୁଥିବା ବେଳେ କର୍ତ୍ତାଭାବେ ଚନ୍ଦ୍ରକାନ୍ତ ଭୋଇ ଓ ନରେନ୍ଦ୍ର ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିବାରୁ ପରିବେଶ ଭକ୍ତିମୟ ହୋଇଯାଇଛି। ନାମଯଜ୍ଞ ସ୍ଥଳରେ ମୀନା ବଜାର ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ଗ୍ରାମବାସୀ ଉତ୍ସାହର ସହ ଯୋଗ ଦେଇଛନ୍ତି। ମହିଳା, ପୁରୁଷ ଓ ଯୁବକ ଓ ଯୁବତୀ ସମେତ ସମସ୍ତେ ମିଶି ଅନୁଷ୍ଠାନକୁ ସଫଳ କରିବାରେ ସହଯୋଗ କରୁଛନ୍ତି। ଚବିଶ ପ୍ରହର ଧରି ଚାଲିଥିବା ଅଖଣ୍ଡ ନାମସଂକୀର୍ତ୍ତନ ଦ୍ୱାରା ଅଞ୍ଚଳରେ ଶାନ୍ତି, ସମୃଦ୍ଧି ଓ ଭକ୍ତିଭାବ ବୃଦ୍ଧି ପାଇବ ବୋଲି ଭକ୍ତମାନେ ଆଶା ବ୍ୟକ୍ତ କରିଛନ୍ତି।

### ବିଦେଶ ଯାଉଛି ବଲାଙ୍ଗିର କେନ୍ଦୁପତ୍ର

# କୋଟି କୋଟି ଟଙ୍କା ରାଜସ୍ୱ ଆସୁଛି, ତୋଳାଳିଙ୍କୁ ମିଳୁନି ମୂଲ

ବଲାଙ୍ଗିର,୨୩।୨(ସମିସ)



ଶିଳ୍ପବିହୀନ ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟା ସବୁବେଳେ ଏକ ନିର୍ବାଚନୀ ପ୍ରସଙ୍ଗ ହୋଇରହିଛି। ରାଜ୍ୟର ଯେଉଁଠି ଯାହା ବି ସାଧନ ରହିଛି ତାକୁ ବ୍ୟବହାର କରି ସେହି ସ୍ଥାନରେ ସରକାର ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ଯେଉଁ ଶିଳ୍ପ କି ରାଜ୍ୟ ଅର୍ଥନୀତିରେ ସହାୟକ ହେବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ଓ ସମୃଦ୍ଧି କ୍ଷେତ୍ରରେ ସହାୟକ ହୋଇଛି। ସେହି ଅଞ୍ଚଳର ବେକାରୀ ସମସ୍ୟା ମଧ୍ୟ ଦୂର ହେଉଥିବା ବେଳେ ଯୁବକଙ୍କୁ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ପଡୁନାହିଁ। କିନ୍ତୁ ଦୁର୍ଭାଗ୍ୟ ବଲାଙ୍ଗିର ଜିଲ୍ଲା ପ୍ରତି ଏହି କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଦାଦନ ସମସ୍ୟା ପାଇଁ ସରକାରୀସ୍ତରରେ ଯୋଜନା କରାଯାଉଛି କିନ୍ତୁ ତାହାର ସମାଧାନ ପାଇଁ କୌଣସି ବ୍ୟବସ୍ଥା ହେଉନାହିଁ। ବଲାଙ୍ଗିର କେନ୍ଦୁପତ୍ର ରାଜ୍ୟ ତଥା ପଡୋଶୀ ରାଜ୍ୟର ଅର୍ଥନୀତି ସୁଦୃଢ କରୁଛି। ରାଜ୍ୟ ସରକାର ରାଜସ୍ୱ ପାଉଛନ୍ତି କିନ୍ତୁ ବଲାଙ୍ଗିର ପାଇଛି କଣ ତାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ସ୍ଥାନୀୟ ଯୁବକମାନଙ୍କ କର୍ମସଂସ୍ଥାନ ବ୍ୟବସ୍ଥା ପାଇଁ ଜିଲ୍ଲାରେ କେନ୍ଦୁପତ୍ରକୁ ନେଇ କୌଣସି ଶିଳ୍ପ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଏପରିକି ରାଜ୍ୟ ସରକାରଙ୍କ ଟାଣୁଆ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଏବେ ପାଣିର ଗାର ସାଜିଛି।

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଜଙ୍ଗଲ ରୁ ସଂଗୃହୀତ ହେଉଥିବା କେନ୍ଦୁପତ୍ରର ବେଶ ଚାହିଦା ରହିଛି। ଉଚ୍ଚ ମାନର କେନ୍ଦୁପତ୍ର ଜିଲ୍ଲାରୁ ବାହାରୁଥିବା ବେଳେ ରାଜ୍ୟ ତଥା ଦେଶ ବାହାର ଟ୍ରେଡରମାନଙ୍କ ଆଖି ବଲାଙ୍ଗିର କେନ୍ଦୁପତ୍ର ଉପରେ ରହିଥାଏ। ନିଲାମରେ ତାକୁ ଉଠାଇ କିଛି ନିଜେ ବ୍ୟବହାର କରି ଆଉ କିଛି ବିଦେଶକୁ ପଠାଇଥାନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କୁ ମିଳିଛି କଣ? ବଡ ପ୍ରଶ୍ନ। ବିଭାଗୀୟ ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରୁ ପ୍ରତିବର୍ଷ ମହାରାଷ୍ଟ୍ର, ଆନ୍ଧ୍ର, ପଶ୍ଚିମବଙ୍ଗ ଅଞ୍ଚଳର ବଡ ବଡ ଟ୍ରେଡର ନିଲାମରେ କେନ୍ଦୁପତ୍ର କିଣିଥାନ୍ତି। ସେହି ସ୍ଥାନରେ ଥିବା ବିଡି କାରଖାନା ରେ କିଛି ବ୍ୟବହାର ହୋଇଥାଏ। କିନ୍ତୁ ଉଚ୍ଚମାନର କେନ୍ଦୁପତ୍ର ହୋଇଥିବାରୁ ଅଧିକ ପରିମାଣରେ କେନ୍ଦୁପତ୍ର ଦୁବାଇ, ଶ୍ରୀଲଙ୍କା, ବାଂଲାଦେଶକୁ ରପ୍ତାନୀ କୋଟି କୋଟି ଟଙ୍କା ବ୍ୟବସାୟ କରିଥାନ୍ତି। ଏହି ଟ୍ରେଡରମାନଙ୍କୁ କେନ୍ଦୁପତ୍ର ବିକ୍ରୀ କରି ରାଜ୍ୟ ସରକାର ମଧ୍ୟ ବହୁ ପରିମାଣର ରାଜସ୍ୱ ସଂଗ୍ରହ କରିଥାନ୍ତି। ବିଭାଗୀୟ ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଥିବା ତିନୋଟି ଡିଭିଜନ ବଲାଙ୍ଗିର, ପାଟଣାଗଡ ଓ ଟିଟିଲାଗଡ ଅଧିନରେ ୨୩ ଟି ରେଞ୍ଜ ରହିଛି। ଏହି ସବୁ ରେଞ୍ଜ ରୁ ଗତ ୨୦୨୩ ରେ ୪୧ ହଜାର ଦୁଇ ଶହ କ୍ୱିଣ୍ଟାଲ କେନ୍ଦୁପତ୍ର କିଣିବା ପାଇଁ ଟାର୍ଗେଟ ରଖାଯାଇଥିବା ବେଳେ ୪୧ ହଜାର ଏକ ଶହ ତିରିଶ କ୍ୱିଣ୍ଟାଲ କିଣାଯାଇଥିଲା। ସେହିପରି ୨୦୨୪ ରେ ୩୭ ହଜାର ଆଠ ଶହ କ୍ୱିଣ୍ଟାଲ କିଣିବାକୁ ଟାର୍ଗେଠ ରଖାଯାଇଥିବା ବେଳେ ୩୭ ହଜାର ଏକାଅଶି କୁଇଣ୍ଟାଲ କେନ୍ଦୁପତ୍ର କିଣାଯାଇଥିଲା। ୨୦୨୫ ରେ ୪୧ ହଜାର ଏକଶହ ଚବିଶି କୁଇଣ୍ଟାଲ କେନ୍ଦୁପତ୍ର କିଣିବାକୁ ଟାର୍ଗେଟ ରଖାଯାଇଥିବା ବେଳେ ୪୧ ହଜାର ଚାରିଶହ ସତେଇଶି କୁଇଣ୍ଟାଲ କେନ୍ଦୁପତ୍ର କିଣାଯାଇଥିଲା।

ଏହି କେନ୍ଦୁପତ୍ର ବିକି ରାଜ୍ୟ ସରକାର ପ୍ରତିବର୍ଷ ପ୍ରାୟ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ସଂଗ୍ରହ କରିଥାନ୍ତି। ବର୍ତ୍ତମାନ ନଜର ପକାଇବା ଏହି ରାଜସ୍ୱ ଆୟ କରିବା ପଛରେ ରହିଥିବା ଶ୍ରମିକଙ୍କ ଅବସ୍ଥା ଉପରେ। ଜିଲ୍ଲାରେ ଥିବା କେନ୍ଦୁପତ୍ର ତୋଳାଳିମାନେ ପ୍ରଥମେ ଜଙ୍ଗଲକୁ ଯାଇ କେନ୍ଦୁପତ୍ର ସଂଗ୍ରହ କରି ଆଣନ୍ତି। ତାକୁ ଶୁଖାଇବା ପରେ କେରି ହିସାବରେ କେନ୍ଦୁପତ୍ର ବିଭାଗକୁ ବିକ୍ରୀ କରିଥାନ୍ତି। ୨୦ ଟି ଭଲ କେନ୍ଦୁପତ୍ର ଓ ଦୁଇଟି ଡାଙ୍କିଣୀ ପତ୍ରକୁ ମିଶାଇଲେ ଗୋଟିଏ କେରି ହୁଏ। ଏହି ଗୋଟିଏ କେରିର ମୂଲ୍ୟ ହେଉଛି ମାତ୍ର ୧ ଟଙ୍କା ୬୦ ପଇସା। ୧୦୦ ଟି କେରି ବା ଦୁଇ ହଜାର ପତ୍ର ବିକିଲେ ଜଣେ ତୋଳାଳି ପ୍ରାୟ ୧୬୦ ଟଙ୍କା ଆୟ କରିବ। ଏଥିପାଇଁ କେନ୍ଦୁପତ୍ର ତୋଳାଳିମାନେ ଖରା ମାସରେ ଜଙ୍ଗଲରେ ବୁଲି ବୁଲି କେନ୍ଦୁପତ୍ର ସଂଗ୍ରହ କରିଥାନ୍ତି।

ଅବଶ୍ୟ ଏହି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଯୋଜନା କାର୍ଯ୍ୟକାରୀ କରାଯାଉଛି କିନ୍ତୁ ତାହା ସେମାନଙ୍କ ଆୟ ପାଇଁ ପର୍ଯ୍ୟାପ୍ତ ନଥିବା ଅଭିଯୋଗ ହୋଇଛି। କେନ୍ଦୁପତ୍ର ବିଭାଗ କେନ୍ଦୁପତ୍ର କିଣିବା ପରେ ତାକୁ ବନ୍ଧେଇ କରି କୁଇଣ୍ଟାଲ ହିସାବରେ ବିକ୍ରୀ କରିଥାନ୍ତି। ବନ୍ଧେଇ, ମୁନସୀ, ଚେକର ଏହି କାର୍ଯ୍ୟରେ ନିୟୋଜିତ ହେଉଥିବା ବେଳେ ସେମାନେ ମଧ୍ୟ ପାଉଥିବା ପାରିଶ୍ରମିକ ପର୍ଯ୍ୟାପ୍ତ ନଥିବା ଅଭିଯୋଗ ହୋଇଥାଏ। ତେବେ ଶହେ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ଦେଉଥିବା ଏହି ତୋଳାଳିଠାରୁ ଆରମ୍ଭ କରି ମୁନସୀ ପର୍ଯ୍ୟନ୍ତ ଦୁର୍ଦ୍ଦଶା ଭିତରେ ରହିଥିବା ଅଭିଯୋଗ ହୋଇଛି। ତେବେ ଏହି କେନ୍ଦୁପତ୍ର ଆଧାର କରି କୌଣସି ଶିଳ୍ପ ଆଜି ପର୍ଯ୍ୟନ୍ତ ପରିକଳ୍ପନା କରାଯାଇନାହିଁ। ଗତ ପ୍ରାୟ ଦେଢ ବର୍ଷ ପୂର୍ବରୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଜିଲ୍ଲା ସମୀକ୍ଷା ବୈଠକରେ ଯୋଗଦେଇ ଦାଦନ ସମସ୍ୟା ଦୂର କରିବା ପାଇଁ ବଲାଙ୍ଗିରରେ ଏକ ବିଡି କାରଖାନା ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ରଖିଥିଲେ। ଏହା ପରେ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ଅନ୍ତତଃ ଏହି କାରଖାନା ହେଲେ ବହୁ ଲୋକ ନିୟୋଜିତ ହେବା ସହ କେନ୍ଦୁପତ୍ର ତୋଳାଳିଙ୍କ ଲାଭ ହେବ। କିନ୍ତୁ ଏହି ପ୍ରତିଶ୍ରୁତି ଆଜିର ଦିନରେ ମନ୍ତ୍ରୀଙ୍କ ମନେ ଥିବ ନା ନାହିଁ ତାହା ମଧ୍ୟ ଅସ୍ପଷ୍ଟ। ଏଦିଗରେ ପଦକ୍ଷେପ ତ ଦୂରର କଥା ଏହିଭଳି ଏକ ପରିକଳ୍ପନାକୁ ନେଇ ସରକାରୀସ୍ତରରେ କୌଣସି ଆଲୋଚନା ହୋଇଛି ନା ନାହିଁ ତାହା ମଧ୍ୟ ଅସ୍ପଷ୍ଟ । ତେବେ ଯେଉଁ ଭାତହାଣ୍ଡିର ଭାତ ଖାଇ ଅନ୍ୟମାନଙ୍କ ପେଟ ପୁରୁଛି ସେହି ଅଞ୍ଚଳର ଲୋକ ଆଉ କେତେ ଦିନ ଭୋକିଲା ରହିବେ ପ୍ରଶ୍ନ ଉଠିଛି। ତେବେ ଡବଲ ଇଞ୍ଜିନ ସରକାରରେ ଡବଲ ବିକାଶ କଥା କହୁଥିବା ସରକାରରେ ଜିଲ୍ଲାର ଦୁଇ ବିଧାୟକ ପାୱାର କରିଡରରେ ରହିଥିବା ବେଳେ ଏନେଇ ନୀରବ ରହିବା ସମସ୍ତଙ୍କୁ ଚକିତ କରିଛି। ତେବେ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

- ଜିଲ୍ଲାରେ ବ୍ୟବହାର ହେଉନି କି ଲାଭ ବି ମିଳୁନି
- ଲାଭ ଖାଉଛନ୍ତି ରାଜ୍ୟ ବାହାର ଟ୍ରେଡର
- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିଡି କାରଖାନା ପ୍ରତିଶ୍ରୁତି ପାଣିର ଗାର

## ୬୦ ବର୍ଷ ପରେ ବି ମିଳୁନି ବାର୍ଦ୍ଧକ୍ୟ ଭତ୍ତା



କଣ୍ଟାବାଞ୍ଜି,୨୩।୨(ସସିସ): ସରକାର ଗ୍ରାମାଞ୍ଚଳର ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରୁଥିବା କହୁଥିବା ବେଳେ ବାସ୍ତବରେ ଆଜି ବି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟତା ଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ବଞ୍ଚିତ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ଲକ୍ଷ୍ମୀଧର ପୁଟେଲ୍ ବୟସ ୬୦ରୁ ଊର୍ଦ୍ଧ୍ୱ ହୋଇଥିଲେ ବି ଆଜିଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିନି। ସେ ରାଜ୍ୟସରକାରଙ୍କ ପକ୍ଷରୁ ଦିଆଯାଇଥିବା ବାର୍ଦ୍ଧକ୍ୟ ଭତ୍ତା ୨୦୨୪ ମସିହାରୁ ବାରମ୍ବାର ଆବେଦନ କରିବା ସହ ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ପାଖକୁ ଗଲେ ମଧ୍ୟ ତାଙ୍କ ଅଭିଯୋଗ କେହିଁ ଶୁଣୁନାହାନ୍ତି ବୋଲି କହିଛନ୍ତି। ଦାୟିତ୍ୱ ଥିବା ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଆଜି ବାର୍ଦ୍ଧକ୍ୟ ଭତ୍ତା ପାଇଁରୁ ବଞ୍ଚିତ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନଜର ଦେଇ ତୁରନ୍ତ ପଦକ୍ଷେପ ନେଇ ଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି।

### ● ଦଳିତ ଯୁବକଙ୍କୁ ଆକ୍ରମଣ ଓ ନିଆଁ ପାଣି ବାସନ୍ଦ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲା ଲକ୍ଷେଘର ଗଣ୍ଡା ସମାଜ

କଣ୍ଟାବାଞ୍ଜି,୨୩।୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଡୁମେରଚୁଆ ଗାଁରେ ଦଳିତ ସମ୍ପ୍ରଦାୟର ପରିବାରଙ୍କୁ ନିର୍ଯାତନା କରୁଥିବା ଘଟଣାକୁ ନେଇ ଗତ କିଛି ଦିନ ହେଲା ଗଣମାଧ୍ୟମରେ ଶୀର୍ଷକ ଖବର ସାଜିଛି। ଏନେଇ ସୋମବାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଲକ୍ଷେଘର ଗଣ୍ଡା ସମାଜର ସଭାପତି ଗୋବିନ୍ଦ ତାଣ୍ଡି ଙ୍କ

### ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ନେତୃତ୍ୱରେ ପ୍ରତିନିଧି ମଣ୍ଡଳ କଣ୍ଟାବାଞ୍ଜି ଏସଡିପିଓଙ୍କ କାର୍ଯ୍ୟାଳୟକୁ ଯାଇ ଏସଡିପିଓଙ୍କ ଜରିଆରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶଙ୍କ୍ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଯେ ଗତ ଫେବୃଆରୀ ୫ ତାରିଖ ଡୁମେରଚୁଆଁ ଗାଁର ଦଳିତ ସମ୍ପ୍ରଦାୟର ଯୁବକମାନେ ହାର୍ଡ ବଏଜ ମ୍ୟୁଜିକାଲ ବଜା ପାଟି ନାଁରେ ଏକ ମ୍ୟୁଜିକ ପାର୍ଟି କରିଛନ୍ତି। ଡୁମେରଚୁଆଁ ଗାଁର ଜଣେ ଯୁବକଙ୍କ ବିବାହ ଥିବାରୁ ବଙ୍ଗୋମୁଣ୍ଡା ଥାନା ଖୁଜେନ ଗାଁ କୁ ବରଯାତ୍ରୀରେ ବଜା ବଜେଇବାକୁ ଯାଇଥିଲେ। ସେଠାରେ ଦଳିତ ସମ୍ପ୍ରଦାୟର ଯୁବକମାନେ ବଜା ବଜାଇବାକୁ ଯାଇଁ ବେଳେ କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗାଁର ହରି ପୋଢ ନାମର ବ୍ୟକ୍ତି ଜାତିଆଣ ଆକ୍ଷେପ କରି ବଜା ବଜାବାକୁ କହି ଅନେକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ହରି ପୋଢ ଓ ତା ସମର୍ଥକମାନେ ମିଶି ବଜା ବଜାଇବାକୁ ଯାଇଁ ଥିବା ଯୁବକମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ବଜା ଗାଡ଼ିକୁ ଭାଙ୍ଗି ଦେଇଥିଲେ। ଏନେଇ ବଜା ବଜାଇବାକୁ ଯାଇଥିବା ଡୁମେରଚୁଆଁ ଗାଁର ପଦୁ ସୁନା ଓ ଅନ୍ୟ ଯୁବକମାନେ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାହାର ବଙ୍ଗୋମୁଣ୍ଡା ଥାନା କେସ ନଂ ୨୨/୨୬ ଅଟେ ।ଏହି ଅଭିଯୋଗ ଅନୁସାରେ ହରି ପୋଢ,ଅମିତ ପୋଢ, ବିଶାଳ ନିଆଳ, ନରେନ୍ ନାଗ,



ଅଶୋକ ଦାସ, ନିଳାମ୍ବର ପୋଢ ଭଳି ୬ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଘଟଣା ଘଟି ଥାନାରେ ମାମଲା ରୁଜୁ ହୋଇ ୧୫ ଦିନ ରୁ ଅଧିକ ସମୟ ହୋଇଥିଲେ ମଧ୍ୟ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ବଙ୍ଗୋମୁଣ୍ଡା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସେମାନଙ୍କୁ ସହଯୋଗ କରୁଛି ବୋଲି ଲକ୍ଷେଘର ଗଣ୍ଡା ସମାଜ ଅଭିଯୋଗ ଆଣିଛି।

କେବଳ ସେତିକି ନୁହେଁ ହରି ପୋଢ ଏବଂ ତାଙ୍କ ସମର୍ଥକମାନେ ମିଶି ଡୁମେରଚୁଆଁ ଗାଁର ଦଳିତ ପଡ଼ାକୁ ସରକାରଙ୍କ ପକ୍ଷରୁ ଯୋଗାଣ ହେଉଥିବା ଜଳ ଯୋଗାଣ ବନ୍ଦ କରିଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏହି ସବୁ ଘଟଣାକୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ରାଜ୍ୟସ୍ତରୀୟ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରାଯାଉ ଏବଂ ବଜା ପାଟି ଯୁବକମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ହରି ପୋଢ ଏବଂ ତାଙ୍କ ସମର୍ଥକଙ୍କୁ ତୁରନ୍ତ ଗିରଫ କରିବା ସହ ଏହି ଘଟଣା ନେଇ ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଥିବା ହେତୁ ତଦନ୍ତ ଦାୟିତ୍ୱରେ ଥିବା ବଙ୍ଗୋମୁଣ୍ଡା ଥାନା ପୁଲିସ ଅଧିକାରୀ ଓ କଣ୍ଟାବାଞ୍ଜି ଏସଡିପିଓଙ୍କୁ ମଧ୍ୟ ତଦନ୍ତ ଭୁକ୍ତ କରି ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଣ୍ଟାବାଞ୍ଜି ଲକ୍ଷେଘର ଗଣ୍ଡା ସମାଜ ଦାବି କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ଅଭିଯୋଗ ପରେ ନଜର ଦେଇ ପଦକ୍ଷେପ ନ ହେଲେ କଣ୍ଟାବାଞ୍ଜି ଏସଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିବୁ ଏବଂ ଯେଉଁ କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ପ୍ରଶାସନ ଦାୟୀ ରହିବ ବୋଲି ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଚେତାବନୀ ଦେବା ସହ ଦାବି କରାଯାଇଛି। ଦାବିପତ୍ରର ନକଲ ଜାତୀୟ ଅନୁସୂଚିତ ଜାତି କମିଶନ (ଭାରତ ସରକାର),ମୁଖ୍ୟମନ୍ତ୍ରୀ ( ଓଡ଼ିଶା ସରକାର),ବଲାଙ୍ଗୀର ଜିଲ୍ଲାପାଳ,ଗୃହ ବିଭାଗ (ଓଡ଼ିଶା ସରକାର),ବଲାଙ୍ଗିର ଏସପି,ଏସଡିପିଓ କଣ୍ଟାବାଞ୍ଜି, ଥାନା ଅଧିକାରୀ କଣ୍ଟାବାଞ୍ଜିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ଲକ୍ଷେଘର ଗଣ୍ଡା ସମାଜର ଉପସଭାପତି ଅନିଲ ବିଭାର, ତୁଲସୀରାମ ଜଗତ, ତପନ ବଏ, ସନ୍ତୋଷ ଖୁରା, ମୋହନ ସୁନା, ଅଶୋକ କୁମାର, ବଶିଷ୍ଠ ମାହାନନ୍ଦ, ମାଧବ ବଏ, ଛଟୁ ମାହାନନ୍ଦ,ସାଗର ବାଗ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### କନ୍ଦେଇ ପଞ୍ଚାୟତ | ମନରେଗା କାମରେ ବ୍ୟାପକ ଅନିୟମିତତା

# ନିମ୍ନମାନର ଗାଡୱାଲ ନିର୍ମାଣ; ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

ତୁରେକେଲା,୨୩।୨(ସମିସ)



ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକ୍ ଉପାନ୍ତରେ ଅବସ୍ଥିତ କନ୍ଦେଇ ପଞ୍ଚାୟତ ଏବେ ଦୁର୍ନୀତି ଗନ୍ତାଘର ସାଜିଥିବା ନେଇ ଚର୍ଚ୍ଚା ବିଷୟ ହୋଇଛି। ଏହି ପଞ୍ଚାୟତରେ ସରକାରୀ ଯୋଜନାରେ ସରକାରୀ ଅନୁଦାନ ହରିଲୁଟ କରିଥିବା ନେଇ ଗୋଟିଏ ପରେ ଗୋଟିଏ ଅଭିଯୋଗ ସାମ୍ନାକୁ ଆସୁଛି। ମନରେଗା ଯୋଜନାରେ ମନମାନି କାମ କରି ସରକାରୀ ରାଜକୋଷରୁ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କନ୍ଦେଇ ଗ୍ରାମ ପଞ୍ଚାୟତ ପକ୍ଷରୁ କନ୍ଦେଇ ଗାଁରେ ଚିତା ଡୁଙ୍ଗୁରି ବନ୍ଧର ପୁନରୁଦ୍ଧାର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାର ରାଜକୋଷରୁ ୯ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା ବେଳେ ଏହି ପୋଖରୀ ସେହି ଅନୁସାରେ କାମ ହୋଇ ନାହିଁ। ଏହି ଚିତା ଡୁଙ୍ଗୁରି ବନ୍ଧର ପୁନରୁଦ୍ଧାର ପାଇଁ ମନରେଗା ଯୋଜନାରେ ବାରମ୍ବାର ଫାଇଲ୍ ଖୋଲି ଟଙ୍କା ଉଠିଛି କିନ୍ତୁ ଆଜିଯାଏ ସେହି ବନ୍ଧ ଉଦ୍ଧାର ହୋଇନଥିବା ବାସ୍ତବରେ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଏହି ପୋଖରୀ ମେଟ୍ରିଆଲ କାମ କରିବାକୁ ୪୦% ଟଙ୍କା ରହିଥିବା ବେଳେ ୧୦%ରେ ମଧ୍ୟ ମେଟ୍ରିଆଲ ହୋଇନାହିଁ। ଅଳ୍ପ କିଛି ନିମ୍ନମାନର ଗାଡୁଆଲ ନିର୍ମାଣ ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ଜିଲ୍ଲାର ସୀମାନ୍ତରେ ପଞ୍ଚାୟତ ଥିବା ଯୋଗୁଁ ଠିକ ଭାବେ ଅଧିକାରୀମାନେ ଯାଇ ତଦନ୍ତ କରୁନାହାନ୍ତି ତେଣୁ ତାର୍ ସୁଯୋଗ ନେଇ ଏହି ପଞ୍ଚାୟତ ଦାୟିତ୍ୱ ଥିବା ଅଧିକାରୀମାନେ ମନୋମୁଖୀ କାର୍ଯ୍ୟ କରି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି। ଗତ ୫ ବର୍ଷ ଧରି ମନରେଗା ଯୋଜନାରେ ଏହି ବନ୍ଧରେ କେତୋଟି ଫାଇଲ କରି ଟଙ୍କା ଉଠାଯାଇଛି ଏବଂ ବାସ୍ତବରେ ସେହି ଅନୁସାରେ କାମ ହୋଇଛି ନାଁ ନାହିଁ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବଲାଙ୍ଗିର ନାଗରିକ କମିଟି ନୂତନ କର୍ମକର୍ତ୍ତା

# ଶ୍ରୀକର ସଭାପତି ଓ ମଧୁସୂଦନ ସଂପାଦକ





ବଲାଙ୍ଗିର,୨୩।୨(ସମିସ): ବଲାଙ୍ଗିର ସରକାରୀ ଟାଉନ ବାଳିକା ହାଇସ୍କୁଲ ସମ୍ମିଳନୀ କକ୍ଷରେ ନାଗରିକ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନାଗରିକ କମିଟିର ୨୧୭ ଜଣ ସଭ୍ୟସଭ୍ୟା ଭୋଟ ଦେଇଥିଲେ। ସଭାପତି ଭାବରେ ବିଶିଷ୍ଟ ସମାଜସେବୀ ଡ. ଶ୍ରୀକର ମିଶ୍ର ୧୬୬ ଭୋଟପାଇ ଜୟଯୁକ୍ତ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦୀ ଭାବରେ ଜିଲ୍ଲା ବ୍ରାହ୍ମଣ ମହାସଭାର ସମ୍ପାଦକ ନରେନ୍ଦ୍ର ଆଚାର୍ଯ୍ୟ ମାତ୍ର ପରାଜିତ ହୋଇଥିଲେ।

ସେହିପରି ନିତ୍ୟାନନ୍ଦ ମିଶ୍ର ୧୧୪ ଭୋଟ ପାଇ ଉପ-ସଭାପତି , ମଧୁସୁଦନ ନାୟକ ୧୫୪ ଭୋଟ ପାଇ ସାଧାରଣ ସମ୍ପାଦକ , ସୁନୀଲ ବିଶ୍ୱାଳ ୧୬୨ ଭୋଟ ପାଇ ଯୁଗ୍ମ-ସଂପାଦକ , ତ୍ରିନାଥ ସାହୁ ୧୫୮ ଭୋଟ ପାଇ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସତ୍ୟବାଦୀ ନାଏକ ଯୁଗ୍ମ-କୋଷାଧ୍ୟକ୍ଷ ଭାବରେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପୁନଶ୍ଚ ପ୍ରଦିପ ସାହୁ, ତରୁଣ କୁମାର ମିଶ୍ର, ଅନିଲ କୁମାର ନନ୍ଦ, ପ୍ରକାଶ ନେପାକ, ସୁମିତ ରଂଜନ ପୁରୋହିତ, ଅଂକୁଶ ପାଣ୍ଡିଆ, ଗୋପବନ୍ଧୁ ପୁରୋହିତ, ବିନୋଦ ବିହାରି ପାଣିଗ୍ରାହୀ, ଡା. ପ୍ରମୋଦ କୁମାର ମିଶ୍ର, ଶରତ ମହାକୁର, ମହେନ୍ଦ୍ର ଦର୍ଜି, ଚନ୍ଦ୍ରମଣୀ ଭାଟି, ମୋତିଲାଲ ସାହୁ, ପ୍ରଫୁଲ୍ଲ ମିଶ୍ର, ପିତାମ୍ବର ବନଛୋର ପ୍ରମୁଖ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ନିର୍ବାଚିତ ହୋଇଥିଲେ।

ନବ ନିର୍ବାଚିତ ସଭାପତି ଡ. ମିଶ୍ର ବଲାଙ୍ଗିରର ସାମଗ୍ରିକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଏବଂ ଦ୍ୱିତୀୟବାର ତାଙ୍କୁ ସଭାପତିରେ ନିର୍ବାଚିତ କରିଥିବାରୁ ସମସ୍ତ ସଭ୍ୟମାନଙ୍କୁ କୃତଜ୍ଞତା ଜଣାଇ ପ୍ରତ୍ୟେକ ସଭାରେ ସମସ୍ତେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେବା ପାଇଁ ଅନୁରୋଧ କରିଛନ୍ତି।

